## ସଂକ୍ଷେପରେ

### ଶହୀଦ ଦିବସ ପାଳିତ




ରାୟଗଡ଼ା ଅଫିସ,୨୪।୩- ରାୟଗଡ଼ାସ୍ଥିତ ସ୍ୱାମୀ ବିବେକାନନ୍ଦ ସେବା ସମିତି, ଭାରତୀୟ ମଜଦୁର ସଂଘ ଏବଂ ଗ୍ରୀନ୍ ରାୟଗଡ଼ାର ମିଳିତ ଅନୁକୂଲ୍ୟରେ ଶହୀଦ ଦିବସ ପାଳିତ ହୋଇଯାଇଛି। ଶ୍ରମିକ ନେତା ତଥା ସ୍ୱାମୀ ବିବେକାନନ୍ଦ ସେବା ସମିତିର ସଭାପତି ଯୋଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ବିଦ୍ୟାନଗର ସ୍ଥିତ ମହିଳା ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ତଥା ବକ୍ତା ରୂପେ ଆର୍‌ଏସ୍‌ଏସ୍‌ର ପଶ୍ଚିମ ପ୍ରାନ୍ତ ପ୍ରଚାର ପ୍ରମୁଖ ଦୀପକ କୁମାର ରାଉତ, ପ୍ରାଧାପକ ଦୁଷ୍ମନ୍ତ କୁମାର ମହାନ୍ତି ଏବଂ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବାଦଲ ତା ଯୋଗଦେଇ ଶହୀଦ ଭଗତ ସିଂ, ଶହୀଦ ସୁଖଦେବ ଏବଂ ଶହୀଦ ଜୟୀ ରାଜଗୁରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସଂଗ୍ରାମୀମାନଙ୍କ ବଳିଦାନକୁ ମନେ ପକାଇଥିଲେ। ସ୍ୱାମୀ ବିବେକାନନ୍ଦ ସେବା ସମିତି, ଭାରତୀୟ ମଜଦୁର ସଂଘ, ଗ୍ରୀନ୍ ରାୟଗଡ଼ାର ସଦସ୍ୟଙ୍କ ସମେତ ଆର୍ଯ୍ୟ ସମାଜ, ଜିସିଡି ୱାର୍କର୍ସ କ୍ଲବ, ଲାୟନ୍ସ କ୍ଲବ, ଝଞ୍ଜାବତି ୱାର୍କର୍ସ କ୍ଲବର ସଦସ୍ୟଙ୍କ ସମେତ ସତ୍ୟବାଦୀ ପତି, ପ୍ରତାପ ବାଉରୀ, ରୁବିରାଣୀ କୁଣ୍ଡୁ, ରାୟଗଡ଼ା କଲେଜର ଅଧାପକ ଉଦୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମଜଦୁର ସଂଘର ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଗଜଲକ୍ଷ୍ମୀ ପୂଜା ମଣ୍ଡପ ପାଇଁ ଭୂମିପୂଜା

ଗୁଣପୁର,୨୪।୩(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଅଫିସ ସମ୍ମୁଖ ପଡ଼ିଆ ଠାରେ ମାଁ ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପ ପାଇଁ ବୁଧବାର ଭୂମିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାଭାବେ ଜାଗୃତି ସାଂସ୍କୃତିକ ସଂଘର ସଭାପତି ମନୋରଞ୍ଜନ ରଥ କାର୍ଯ୍ୟ ସମ୍ପାଦନା କରିଥିଲେ। ପୂଜକ ଭାବେ ନବୀନ ରଥ ଏବଂ ଗୁପ୍ତେଶ୍ୱର ରଥ ପୂଜା କାର୍ଯ୍ୟ କରିଥିଲେ। ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସଭ୍ୟମାନେ ଏଥିରେ ଯୋଗ ଦେଇଥିଲେ।

### ଶୀଘ୍ର ମୌଳିକ ସୁବିଧା ପହଞ୍ଚାଇବାକୁ ପ୍ରତିଶ୍ରୁତି
### ଜିଲା ପରିଷଦ ସଭ୍ୟଙ୍କ ସ୍ୱାଭିମାନ ଅଞ୍ଚଳ ଗସ୍ତ



ମାଲକାନଗିରି,୨୪।୩(ଡି.ଏନ୍.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ଜୋନ୍-୨ର ନବ ନିର୍ବାଚିତ ଜିଲା ପରିଷଦ ସଭ୍ୟ ମଙ୍ଗୁ ଖିଲ ଦାୟିତ୍ୱ ଗ୍ରହଣ ପରେ ଗୁରୁବାର ପ୍ରଥମ ଥର ପାଇଁ ସ୍ୱାଭିମାନ ଅଞ୍ଚଳ ଗସ୍ତ କରିଛନ୍ତି। ସେ ନାକାମାମୁଡ଼ି ପଞ୍ଚାୟତର ନାରିଗିଜୋଲା, ରାବା ଓ ମୁଦୁଲିଗୁଡ଼ା ଗ୍ରାମ ପରିଦର୍ଶନ କରି ଗାଁରେ ରହିଥିବା ମୌଳିକ ସମସ୍ୟା ବିଷୟରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ସମସ୍ତ ସୁବିଧା ସୁଯୋଗ ଶୀଘ୍ର ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ମଧ ଦେଇଛନ୍ତି। ବିଶେଷ କରି ଉକ୍ତ ଗ୍ରାମ ଗୁଡ଼ିକରେ ପାନୀୟ ଜଳ ସମସ୍ୟା ରହିଥିବା ଗ୍ରାମବାସୀ ଜିଲା ପରିଷଦ ସଭ୍ୟଙ୍କୁ ଜଣାଇଥିଲେ। ଗସ୍ତବେଳେ ଜିଲା ପରିଷଦ ସଭ୍ୟଙ୍କ ସହ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ମୁଖ୍ୟରାସ୍ତା ଅବରୋଧ

■ ଦୁର୍ଘଟଣାଗ୍ରସ୍ତଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା
■ ଅଟକି ରହିଛି ଶତାଧିକ ଯାନବାହନ

ଟିକିରି,୨୪।୩(ଡି.ଏନ୍.ଏ.)–



ମୋଇଲିଗୁଡ଼ା ଛକ ଟିକିରି–ରାୟଗଡ଼ା ମୁଖ୍ୟରାସ୍ତାରେ ମୃତଦେହ ରଖି ଅବରୋଧ କରାଯାଇଛି।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଥାନା ଅଧୀନ ଟୋକାଗୁଡ଼ା ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଅଟୋରିକ୍ସା ରାସ୍ତାପାର୍ଶ୍ୱରେ ଅଟକିଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା। ଏଥିରେ ଅଟୋରେ ଥିବା ଅଣଜର ଗ୍ରାମର ବାପପୁଅ ଦାସ ମାଝି ଓ ଆନନ୍ଦ ଗୁରୁତର ହୋଇଥିଲେ। ଦାସଙ୍କ ବୁଧବାର ରାତିରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ଏହାକୁ ନେଇ ମୃତକଙ୍କ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

ଗ୍ରାମବାସୀ ବୁଧବାର ରାତିରେ ମୃତଦେହ ରାସ୍ତାରେ ରଖି ଅସନ୍ତୋଷ ପ୍ରକାଶ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ଗୁରୁବାର ସକାଳୁ ଦାସଙ୍କ ମୃତଦେହ ଦୁର୍ଘଟଣା ଘଟିଥିବା ମୋଇଲିଗୁଡ଼ା ଛକରେ ରଖି ଟିକିରି–ରାୟଗଡ଼ା ମୁଖ୍ୟରାସ୍ତା ଅବରୋଧ କରିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି। ଟିକିରି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଅଟଳ ରହିଛନ୍ତି। ଖବର ଲେଖାଯିବା ସୁଦ୍ଧା ଗ୍ରାମବାସୀ ରାସ୍ତାରୁ ମୃତଦେହ ଉଠାଇ ନାହାନ୍ତି। ଅନ୍ୟପକ୍ଷରେ ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଏବଂ ଅଟୋକୁ ଜବତ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବୁଧବାର ସନ୍ଧ୍ୟାରେ ଦାସ ଏବଂ ତାଙ୍କ ପୁଅ ଆନନ୍ଦ ଅଟୋ ଯୋଗେ କୌଣସି କାମରେ ଟିକିରି ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରୁଥିବାବେଳେ ଟ୍ରକ୍‌କୁ ଧକ୍କା ଦେଇଥିଲେ। ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଓଷାପଡ଼ାସ୍ଥିତ ଉତ୍କଳ ଆଲୁମିନା ହସ୍ପିଟାଲ ଓ ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦାସଙ୍କୁ ମୃତ ଘୋଷଣା କରିଥିଲେ। ଆନନ୍ଦଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡ଼ିଛି।

### ମାଁ ମାର୍କମା କଲେଜରେ ଶହୀଦ ଦିବସ ପାଳିତ



ବିଷମକଟକ,୨୪।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକସ୍ଥିତ ମାର୍କମା କଲେଜ ପରିସରରେ ଏନ୍‌ଏସ୍‌ଏସ୍ ପକ୍ଷରୁ ବୁଧବାର ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମାର୍କମା ମହାବିଦ୍ୟାଳୟର ଅବସରପ୍ରାପ୍ତ ଇତିହାସ ବିଭାଗ ଅଧ୍ୟାପକ ତଥା ଯୁକ୍ତ ୩ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ସୁଦର୍ଶନ ରଥ, ସମ୍ମାନିତ ଅତିଥି ରୂପେ ଭାରପ୍ରାପ୍ତ ଅଧକ୍ଷା ଦୀପ୍ତିରାଣୀ ମିଶ୍ର ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଇଂଲିଶ ବିଭାଗ ଅଧ୍ୟାପକ ସଞ୍ଜୟ କୁମାର ତ୍ରିପାଠୀ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶହୀଦ ଦିବସର ତାତ୍ପର୍ଯ୍ୟ ପ୍ରକାଶ କରି ଦେଶ ସ୍ୱାଧୀନତାରେ ସଂଗ୍ରାମୀମାନଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। କଲେଜ ଏନ୍‌ଏସ୍‌ଏସ୍ ଅଧିକାରୀ ଅଶ୍ୱିନୀ କୁମାର ପଣ୍ଡା, ନିରଞ୍ଜନ ପାଢ଼ୀଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଝୁଲନ୍ତା ମୃତଦେହ ଠାବ

ଗୋପାଳପୁର,୨୪।୩(ଡି.ଏନ.ଏ.)

ଗୋପାଳପୁର ଥାନା ପୋଲିସ ବେଳାଭୂମି ନିକଟରୁ ଗୁରୁବାର ଝୁଲନ୍ତା ଅବସ୍ଥାରେ ଏକ ମୃତଦେହ ଠାବ କରିଛି। ମୃତକ ହେଲେ ଗୋପାଳପୁର ଏନଏସି ଅଞ୍ଚଳର ଏସ.ପ୍ରକାଶ ରାଓ (୫୭)। ଏହି ଥାନା ଅନ୍ତର୍ଗତ ବିଜ୍ଞାପିତ ପରିଷଦ ଅଞ୍ଚଳର ଏସ.ପ୍ରକାଶ ବାହାର ରାଜ୍ୟରେ କାମ କରୁଥିଲେ। ଗତ ୫ ଦିନ ହେଲା ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ। କୌଣସି ଏକ କଥାକୁ ନେଇ ବିଭିନ୍ନ ସମୟରେ ମାନସିକ ଚିନ୍ତାଗ୍ରସ୍ତ ରହୁଥିଲେ। ଗୋପାଳପୁର ବେଳାଭୂମି ନିକଟରେ ଏକ ଫାଷ୍ଟ ଫୁଡ୍ ଦୋକାନ ପାର୍ଶ୍ୱରେ ଏକ ପ୍ଲାଷ୍ଟିକ ଦୌଡ଼ି ନିଜ ବେକରେ ଲଗାଇ ଝୁଲିପଡ଼ିଥିଲେ। ଖବର ପାଇ ଗୋପାଳପୁର ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ପଠାଇଥିଲେ। ଏ ନେଇ ନଂ. ୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ରାୟଗଡ଼ା ପୌରାଞ୍ଚଳରେ କମିଲା ଭୋଟ ହାର

ରାୟଗଡ଼ା ଅଫିସ/ଗୁଣପୁର/ଗୁଡ଼ାରୀ ୨୪।୩(ଡି.ଏନ.ଏ)

**ରାୟଗଡ଼ାରେ ୫୭.୯୦ %, ଗୁଣପୁରରେ ୭୧.୧୦ %, ଗୁଡ଼ାରୀରେ ୭୩.୯ %**

ରାୟଗଡ଼ା ଜିଲାର ୨ ପୌରାଞ୍ଚଳ ଏବଂ ଗୋଟିଏ ଏନ୍‌ଏସି ପାଇଁ ଭୋଟ ଗ୍ରହଣ ଗୁରୁବାର ଶାନ୍ତିଶୃଙ୍ଖଳାରେ ସରିଛି। ତେବେ ରାୟଗଡ଼ା ପୌରାଞ୍ଚଳରେ ମତଦାନ ହାର କମ୍ ରହିଛି। ରାୟଗଡ଼ାରେ ମାତ୍ର ୫୭.୯୦ ପ୍ରତିଶତ ଭୋଟ ଗ୍ରହଣ ହୋଇଛି। ସେହପରି ଗୁଣପୁର ପୌରାଞ୍ଚଳରେ ୭୧.୧୦ ଏବଂ ଗୁଡ଼ାରୀ ଏନ୍‌ଏସିରେ ୭୩.୯ ପ୍ରତିଶତ ମତଦାନ ହୋଇଛି। ଗୁଡ଼ାରୀ ଏକ ଏନ୍‌ଏସି ହୋଇଥିଲେ ମଧ ଏଠାରେ ଭୋଟ ହାର ସନ୍ତୋଷଜନକ ରହିଛି। ରାୟଗଡ଼ା ପୌରାଞ୍ଚଳରେ ୫୯ ବୁଥ୍‌ରେ ଭୋଟ ଗ୍ରହଣ ହୋଇଥିଲା। ରାୟଗଡ଼ା ପୌରାଞ୍ଚଳରେ ୫୬୫୯୭ ଭୋଟର ରହିଥିବାବେଳେ ସେଥିମଧ୍ୟରୁ ମାତ୍ର ୩୨୭୭୪ ଜଣ ଭୋଟ ଦେଇଥିବା ନିର୍ବାଚନ ଅଧିକାରୀ ତଥା ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

ଗୁଣପୁରରେ ୨୮ ବୁଥ୍‌ରେ ଭୋଟ ଗ୍ରହଣ ହୋଇଥିଲା। ଦକ୍ଷତା ବିକାଶ କେନ୍ଦ୍ର, ଅମ୍ବେଦକର ନଗର ସ୍କୁଲ ଓ ଏସ୍‌ପି ଗୁଡ଼ା ପ୍ରାଥମିକ ବିଦ୍ୟାଳୟକୁ ପିଙ୍କ୍ ବୁଥ୍ ଏବଂ ଏସ୍‌ଏଲ୍‌ଏନ୍‌ଏମ୍ ହାଇସ୍କୁଲ, ହାଉସିଂ ଓ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟକୁ ଆଦର୍ଶ ବୁଥ୍ କରାଯାଇଥିଲା। ଗୁଣପୁର ପୌରାଞ୍ଚଳର ୬ ଅଧକ୍ଷା ଏବଂ ୫୯ କାଉନସିଲର ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି।

ଗୁଡ଼ାରୀ ଏନ୍‌ଏସିର ୧୧ ବୁଥ୍‌ରେ ଭୋଟ ଗ୍ରହଣ ହୋଇଛି। ସହରର ୫ ନମ୍ବର ୱାର୍ଡ ନିମନ୍ତେ ସ୍ଥାନୀୟ ୟୁଜିଏଚ୍‌ଏସ୍ ସ୍କୁଲରେ ପିଙ୍କ ବୁଥ୍ କରାଯାଇଥିଲା। ନୂତନ ଭୋଟରମାନେ ଉତ୍ସାହର ସହ ଭୋଟ ଦେବା ପରେ ସେଲ୍‌ଫି ଷ୍ଟାଣ୍ଡରେ ସେଲ୍‌ଫି ନେବା ଦେଖିବାକୁ ମିଳିଥିଲା। ରାୟଗଡ଼ା ଆଇଟିଡିଏ ପିଏ ଟୁକୁ ବାରିକ ନୋଡାଲ ଅଫିସର ଭାବେ ନିୟୋଜିତ ହୋଇ ସମସ୍ତ ବୁଥ୍ ପରିଦର୍ଶନ କରିଥିଲେ। ଗୁଡ଼ାରୀ ଥାନା ଅଧିକାରୀ ସଞ୍ଜୟ ନାୟକ ଓ ପଦ୍ମପୁର ଥାନା ଅଧିକାରୀ ସୁଶାନ୍ତ ତାଡ଼ିଆଙ୍କ ତତ୍ତ୍ୱାବଧାନରେ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଏନ୍‌ଏସିର ୪ ଅଧକ୍ଷା ପ୍ରାର୍ଥିନୀ ଏବଂ ୩୦ କାଉନସିଲର ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ ହୋଇଛି।



ଗୁଣପୁର ମରାଠୀଗୁଡ଼ା ବୁଥ୍‌ରେ ଭୋଟରମାନେ ଭୋଟ ଦେବା ପାଇଁ ଅପେକ୍ଷା କରିଛନ୍ତି।

# ଲିପିଚେକନା ଗ୍ରାମବାସୀଙ୍କୁ ଦୂଷିତ ଝରଣା ପାଣି ଭରସା



ଗ୍ରାମବାସୀ ଝରଣାରୁ ଜଳ ସଂଗ୍ରହ କରୁଛନ୍ତି।

ଟିକିରି,୨୪।୩(ଡି.ଏନ୍.ଏ.)

**ମୌଳିକ ସୁବିଧା ଅପହଞ୍ଚ**

ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ପକ୍କାରାସ୍ତା, ପାନୀୟ ଜଳ ଓ ଭୂମିହୀନ ଗରିବ ଲୋକଙ୍କୁ ଆବାସ ଘର ଯୋଗାଉଛନ୍ତି। ହେଲେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଅନେକ ଗ୍ରାମରେ ଏବେ ମଧ ମୌଳିକ ସୁବିଧା ଅପହଞ୍ଚ ହୋଇଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ ସିନ୍ଦୂରଘାଟି ପଞ୍ଚାୟତର ଲିପିଚେକନା ଗ୍ରାମ ଏହାର ସ୍ପଷ୍ଟ ଉଦାହରଣ।

ଲିପିଚେକନା ଗାଁକୁ ଏ ପର୍ଯ୍ୟନ୍ତ ପକ୍କାରାସ୍ତା ଓ ପାନୀୟ ଜଳର ସୁବିଧା ହୋଇପାରିନି। ଫଳରେ ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଁରେ ନଳକୂପ ଥିଲେ ମଧ ତାହା ଗ୍ରାମବାସୀଙ୍କ ଆବଶ୍ୟକତାକୁ ପୂରଣ କରିପାରୁନି। ବାଧ ହୋଇ ଲୋକେ ଦୂଷିତ ଝରଣା ପାଣି ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ସେହିଭଳି ଗ୍ରାମରେ ଅନେକ ଲୋକଙ୍କୁ ଆବାସ ଯୋଜନାରେ ଘର ମିଳିନାହିଁ। ସ୍ଥାନୀୟ କେତେଜଣ ଅଧିକାରୀଙ୍କ ଅବହେଳା ଯୋଗୁ ଗୃହ ପାଇବାରୁ ବଞ୍ଚିତ ହେଉଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଅନେକ ଥର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ କାଶୀପୁର ବିଡିଓଙ୍କୁ ପଚାରିବାରୁ ସେ କହିଛନ୍ତି, ଶୀଘ୍ର ସମସ୍ତ ସମସ୍ୟାର ସମାଧାନ କରାଯିବ।

# ଅପମାନ ସହି ନ ପାରି ଯୁବତୀଙ୍କ ଆତ୍ମହତ୍ୟା

ମୁନିଗୁଡ଼ା,୨୪।୩(ଡି.ଏନ୍.ଏ.)

**ଏକତରଫା ପ୍ରେମ କରୁଥିବା ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ରାୟଗଡ଼ା ଜିଲା ମୁନିଗୁଡ଼ା ସଦର ଅଞ୍ଚଳର ଏକ ଘରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଏକତରଫା ପ୍ରେମ କରୁଥିବା ଜଣେ ଯୁବକଙ୍କ ପରିବାର ଲୋକଙ୍କ ଅପମାନ ସହି ନ ପାରି ଯୁବତୀ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ୨୩ ବର୍ଷିୟା ଯୁବତୀଙ୍କୁ ମୁନିଗୁଡ଼ା ସଦର ଅଞ୍ଚଳର ଜଣେ ଯୁବକ ଏକତତଫା ପ୍ରେମ କରୁଥିଲେ। ଯୁବକଙ୍କ ପରିବାର ଲୋକେ ଅନେକ ଥର ଯୁବତୀଙ୍କ ଘରକୁ ଯାଇ ଯୁବତୀଙ୍କ ଉପସ୍ଥିତିରେ ବିବାହ ପ୍ରସ୍ତାବ ଦେଇ ବିଫଳ ହୋଇଥିଲେ। ବୁଧବାର ଯୁବକଙ୍କ ପରିବାର ସଦସ୍ୟ ଯୁବତୀଙ୍କ ଘର ଆଗରେ ଯୁବତୀଙ୍କ ଉଦ୍ଦେଶ୍ୟରେ ଅପମାନ ସୂଚକ ଶବ୍ଦ ପ୍ରୟୋଗ କରି ଗାଳିଗୁଲଜ କରିଥିଲେ। ଏଥିସହ ଜବରଦସ୍ତି ଝିଅକୁ ଉଠାଇ ନେବାକୁ ଯୁବତୀଙ୍କ ପରିବାର ଲୋକଙ୍କୁ ଧମକ ଦେଇଥିଲେ। ଏହି ଅପମାନ ସହି ନ ପାରି ଯୁବତୀ ଜଣକ ବୁଧବାର ରାତିରେ ଗାଧୁଆ ଘରେ ବେକରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଗୁରୁବାର ମୁନିଗୁଡ଼ା ଥାନାରେ ଅଭିଯୋଗ କରିଥିବା ଥାନା ଅଧିକାରୀ ସୁଜ୍ଞାନି ସାହୁ କହିଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଯୁବତୀଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। ଅପମାନ ସହ ଝିଅର ମୃତ୍ୟୁକୁ ନେଇ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଏକତରଫା ଭାପ୍ରେମ କରୁଥିବା ଯୁବକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

# ମାଲକାନଗିରିରେ ୬୩.୬୧ %, ବାଲିମେଳାରେ ୭୪.୧୭% ଭୋଟହାର

ମାଲକାନଗିରି/କୋରୁକୋଣ୍ଡା, ୨୪।୩(ଡି.ଏନ୍.ଏ.)

କ ସୁରକ୍ଷା ବ୍ୟବସ୍ଥା ମଧରେ ମାଲକାନଗିରି ପୌର ପରିଷଦ ଓ ବାଲିମେଳା ଏନ୍‌ଏସି ପାଇଁ ଗୁରୁବାର ଶାନ୍ତିଶୃଙ୍ଖଳାରେ ମତଦାନ ଶେଷ ହୋଇଛି। ମାଲକାନଗିରି ପୌରାଞ୍ଚଳରେ ୬୩.୬୧ ପ୍ରତିଶତ ମତଦାନ ହୋଇଥିବାବେଳେ ବାଲିମେଳା ଏନଏସିରେ ୭୪.୧୭ ପ୍ରତିଶତ ମତଦାନ ହୋଇଛି। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଉଭୟ ମାଲକାନଗିରି ଏବଂ ବାଲିମେଳାରେ ପିଙ୍କ୍ ବୁଥ୍ ଓ ଆଦର୍ଶ ମତଦାନ କେନ୍ଦ୍ର କରାଯାଇଥିଲା। ପିଙ୍କ୍ ବୁଥ୍‌ରେ ଚାଉଳ, ଫୁଲ, ଦୁବ ସହ ସାନିଟାଇଜର ଦେଇ ଭୋଟରଙ୍କୁ ସ୍ୱାଗତ କରାଯାଇଥିଲା। ଶାରିରୀକ ଅକ୍ଷମ ଓ ବରିଷ୍ଠ ନାଗରିକଙ୍କ ପାଇଁ ହୁଇଲ୍ ଚେୟାର ବ୍ୟବସ୍ଥା ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ମାଲକାନଗିରି ପୌର ପରିଷଦର ୧୯ ୱାର୍ଡ ପାଇଁ ୨୯ ବୁଥ୍ ହୋଇଥିଲା। ସେଥିମଧ୍ୟରୁ ୩ ପିଙ୍କ୍ ବୁଥ୍ ଏବଂ ୫ ଆଦର୍ଶ ବୁଥ୍ ରହିଥିଲା। ଭୋଟ ପାଇଁ ୧୪୫ ପୋଲିଂ ଅଧିକାରୀ ନିୟୋଜିତ ହୋଇଥିଲେ। ବାଲିମେଳା ଏନ୍‌ଲସିରେ ମୋଟ ୧୨ ୱାର୍ଡ ପାଇଁ ୧୨ ବୁଥ୍ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ପିଙ୍କ୍ ବୁଥ୍ ଏବଂ ଗୋଟିଏ ଆଦର୍ଶ ବୁଥ୍ ରହିଥିଲା। ମୋଟ ୭୦ ପୋଲିଂ ଅଧିକାରୀ ନିୟୋଜିତ ହୋଇଥିଲେ। ଅତିରିକ୍ତ ଜିଲାପାଳ ବିରସେନ ପ୍ରଧାନ ଓ ଡିଆର୍‌ଡିଏ ପିଡି ବାଳମୁକୁନ୍ଦ ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ପରିଚାଳନା ହୋଇଥିଲା। ହିଂସାକୁ ରୋକିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

### ନାବାଳିକା ଅପହରଣ ଅଭିଯୋଗ, ଯୁବକ ଗିରଫ

ଫୁଲବାଣୀ ଅଫିସ, ୨୪।୩

ଖଜୁରିପଡା ଥାନା ପୋଲିସ ଜଣେ ନାବାଳିକା ଅପହରଣ ମାମଲାରେ ସମ୍ପୃକ୍ତ ଯୁବକଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚକାପାଦ ବ୍ଲକ ଅର୍ଚ୍ଚାଙ୍ଗି ଗ୍ରାମର ରସାନନ୍ଦ ଭୋଇ। ପୋଲିସ ପକ୍ଷରୁ ମିଳିଥିବା ସୁଚନା ଅନୁସାରେ ୨୦୧୯ ଅଗଷ୍ଟ ୩ରେ ସମ୍ପୃକ୍ତ ନାବାଳିକା ଅପହରଣ ହୋଇଥିବା ନେଇ ତାଙ୍କ ବାପା ଥାନାରେ ଏତଲା ଦେଇଥିଲେ। ସେତବେଳେ ଝିଅକୁ ୧୪ ବର୍ଷ ହାଇଥିଲା। ଏବେ ସେହି ଝିଅର ବର୍ଷେ ୮ ମାସର ଏକ ଶିଶୁ ପୁତ୍ର ଅଛି। ଅଭିଯୋଗ ପରେ ଫେରାର ଥିବା ଝିଅକୁ ପୋଲିସ ଉଦ୍ଧାର କରିବା ସହ ରସାନନ୍ଦଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ନଂ. ୬୮/୧୯ରେ ମାମଲା ରୁଜୁ ହୋଇଥିଲା।

# ବିରିଗୁଡ଼ା ବାଳିକା ସେବାଶ୍ରମରେ ପଶି ଛାତ୍ରୀ, ୱାର୍ଡେନକୁ ମାଡ଼

ଦଶମନ୍ତପୁର, ୨୪।୩(ଡି.ଏନ୍. ଏ.)

**ଦୁଇ ନିଶାସକ୍ତଙ୍କ ଉନ୍ମତ୍ତକାଣ୍ଡ**

ଦୁଇଜଣ ନିଶାସକ୍ତ ଯୁବକ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତ ଅଧୀନ ବିରିଗୁଡ଼ା ବାଳିକା ସେବାଶ୍ରମରେ ପଶି ଜଣେ ଛାତ୍ରୀ ଓ ୱାଡେନ୍‌ଙ୍କୁ ମାଡ଼ ମାରିଛନ୍ତି। ଆହତ ଛାତ୍ରୀ ଓ ୱାଡେନ ଏବେ ଦଶମନ୍ତପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ଗୁରୁବାର ସନ୍ଧ୍ୟା ପ୍ରାୟ ୭ ଟାରେ ପ୍ରାର୍ଥନା ଚାଲିଥିବା ସମୟରେ ବିରିଗୁଡ଼ା ଗ୍ରାମର ବିଭୀଷଣ ମାଣ୍ଡିଙ୍ଗା ଓ ତୁଳ ମାଣ୍ଡିଙ୍ଗା ମଦ୍ୟପାନ କରି ସେବାଶ୍ରମ ଭିତରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ୱାଡେନ ରଶ୍ମିତା ରଣା ସେମାନଙ୍କୁ ମନା କରିବାରୁ ତାଙ୍କୁ ମାଡ଼ ମାରିଥିଲେ। ଏହି ସମୟରେ ହଠାତ୍ ସପ୍ତମଶ୍ରେଣୀ ଛାତ୍ରୀ ପିଙ୍କି ମାଝିଙ୍କୁ ଦେଖି ତାଙ୍କ ବେକ ଚିପିବା ସହ ମାଡ଼ ମାରିଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚି ୱାଡେନ୍ ଓ ଛାତ୍ରୀଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ଆଣିଥିଲେ। ସମ୍ପୃକ୍ତ ଯୁବକ ଦ୍ୱୟ ଏବେ ଫେରାର ଥିବା ପ୍ରଧାନ ଶିକ୍ଷକ ଜଗନ୍ନାଥ ମୁଦୁଲି ସୂଚନା ଦେଇଛନ୍ତି।



କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ତାଙ୍କ ମା' ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ସିମାଞ୍ଚଳଗିରି ଉଲାକା ରାୟଗଡ଼ାର ୧୪ ନଂ ୱାର୍ଡ ୩୩ ନଂ. ବୁଥ୍‌ରେ ଭୋଟ ଦେଇଛନ୍ତି।



ମାଲକାନଗିରି ଜିଲା ବାଲିମେଳାଠାରେ ଭୋଟର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ହାଇସ୍କୁଲ(ପିଙ୍କ୍ ବୁଥ୍) ପରିସରରେ ଚାରାରୋପଣ କରାଯାଉଛି।




ମାଲକାନଗିରି ପୌରାଞ୍ଚଳରେ ଜଣେ ଭୋଟର ଭୋଟ ଦେବାପରେ ସେଲ୍‌ଫି ଷ୍ଟାଣ୍ଡରେ ଫଟୋ ପୋଜ୍‌ରେ।

**ସଂକ୍ଷେପରେ**

## ମା'ଙ୍କ ସହ ମହୁଲ ଫୁଲ ଗୋଟାଉଛନ୍ତି ସମିତି ସଭ୍ୟ



ଚନ୍ଦାହାଣ୍ଡି, ୨୪।୩(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ପଞ୍ଚାୟତର ନବ ନିର୍ବାଚିତ ସମିତି ସଭ୍ୟ ପୌରୁଷ ମାଝି ନିଜ ଚାଷ ଜମିରେ ଥିବା ମହୁଲ ଗଛରୁ ପ୍ରତିଦିନ ମାଆ ତାଲ ମାଝିଙ୍କ ସହ ମହୁଲ ଫୁଲ ସଂଗ୍ରହ କରୁଛନ୍ତି। ପିଲାଟି ବେଳୁ ଚାଷ ପ୍ରତି ଆଗ୍ରହ ଅଛି। ପୂର୍ବରୁ ମଧ ଘର ଲୋକଙ୍କୁ ଚାଷ ଓ ମହୁଲ ଫୁଲ ଗୋଟାଇବାରେ ସାହାଯ୍ୟ କରୁଥିଲି ବୋଲି ସେ କହିଛନ୍ତି। ପ୍ରକାଶ ଯେ ପୌରୁଷ ୨୦୧୪ରେ ଇଞ୍ଜିନିୟରିଂ ପାସ କଲାପରେ ଏକ ବେସରକାରୀ କମ୍ପାନୀରେ କାର୍ଯ୍ୟକରୁଥିଲେ। ସେ ଚାକିରି ଛାଡି ଭାଜପା ସମର୍ଥନରେ ଚନ୍ଦାହାଣ୍ଡି ସମିତି ସଭ୍ୟଭାବେ ପଞ୍ଚାୟତ ନିର୍ବାଚନ ଲଢି ଜିତିଛନ୍ତି। ପିଲାବେଳୁ ଘର ଲୋକଙ୍କୁ କୃଷି କାର୍ଯ୍ୟରେ ସହଯୋଗ କରିଥାନ୍ତି। ଏବେ ମଧ ସେ ଚାଷଜମିରେ ସବୁ ଚାଷ କାର୍ଯ୍ୟ ଦେଖିବା ସହ ନିଜେ ହଳ କରିଥାନ୍ତି। ପ୍ରଥମ କରି ରାଜନୀତିକୁ ଆସିଥିଲେ ମଧ ସେ ଲୋକଙ୍କ ସେବା କରିବା ସହ ଚାଷ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ ଓ ମହୁଲ ଫୁଲ, ମହୁଲ ଟୋଲ ଗୋଟାଇବା କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି। ନିଜର ଛଅଟି ମହୁଲ ଗଛ ଅଛି। ସେଥିରୁ ବାର୍ଷିକ ଟୋଲ ଓ ମହୁଲ ବାବଦକୁ ଲକ୍ଷାଧିକ ଟଙ୍କା ମିଳୁଛି। ମାଆଙ୍କ ସାଥିରେ ସକାଳୁ ମହୁଲ ଫୁଲ ଗୋଟାଇବାରେ ବହୁତ ଆନନ୍ଦ ମିଳୁଛି। ଏଥିସହ ଶାରୀରିକ ବ୍ୟାୟାମ ହୋଇଥାଏ ବୋଲି ସେ କହିଛନ୍ତି।

## ଦାୟିତ୍ୱ ନେଲେ ଧୋଡ୍ରା ସରପଞ୍ଚ

ଧୋଡ୍ରା, ୨୪।୩(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧୋଡ୍ରା ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ମହେନ୍ଦ୍ର ଭତରା ଦାୟିତ୍ୱ ଗ୍ରହଣ କକରିଛନ୍ତି। ଯୋଗାଣ ସହାୟକ



ନିର୍ମଳ ବାଘ ନୂତନ ସରପଞ୍ଚଙ୍କୁ ସ୍ୱାଗତ କରିବା ସହ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ପଞ୍ଚାୟତର ବିଭିନ୍ନ ସମସ୍ୟା ସମାଧାନ କରି ଅଞ୍ଚଳର ଉନ୍ନତି କରିବେ ବୋଲି ସରପଞ୍ଚ ମହେନ୍ଦ୍ର ଭତରା ଶପଥ ନେଇଥିଲେ। ଏ ବିଜୟ ମୋର ନୁହେଁ ଏ ବିଜୟ ସତ୍ୟ, ଧର୍ମ, ନ୍ୟାୟ ଓ ଗଣତନ୍ତ୍ରର ବିଜୟ ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଧୋଡ୍ରା ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କ ସମେତ ଜୟଧର ସୁନାନୀ, ଇସ୍ମାଇଲ ବେଗ, ବାବୁଲୀ ସୁନାନୀ, ବୋଲି ଭତରା, ଗୁଜୁକା ମାଳି, ପୀତମ ହରିଜନ, ତ୍ରିନାଥ ହରିଜନ, ଘାସି ରେଲି ଜୟ ମଙ୍ଗଳୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ସମସ୍ୟା ନ ସୁଧୁରିଲେ ରାସ୍ତାରୋକୋ ଚେତାବନୀ

ଦଶମନ୍ତପୁର, ୨୪।୩(ଡି.ଏନ୍.ଏ.)

ଖରାଦିନ ଆରମ୍ଭରୁ ଦେଖାଗଲାଣି ପାଣି ସମସ୍ୟା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣାଲାନି ପ୍ରଶାସନ। ପାଣି ସମସ୍ୟା ସମାଧାନ ଦାବି ନେଇ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକବାସୀ ବ୍ଲକ ଅଫିସ ଯାଇଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଜିପିଇଓ ସ୍ମୃତି ରଞ୍ଜନ ନାୟକଙ୍କୁ ଅଞ୍ଚଳବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକ ନକଲ ତହସିଲଦାର ଓ ଥାନା ଅଧିକାରୀଙ୍କୁ ମଧ ଦିଆଯାଇଛି। ଦଶମନ୍ତପୁର ବ୍ଲକ ସଦରରେ ନିୟମିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ରାସ୍ତାରୋକୋ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

ଦଶମନ୍ତପୁର ସଦର ବ୍ଲକର ପାଇକସାହି, କଂସାରୀ, ହରିଜନ, ଆଦିବାସୀ, କୁମ୍ଭାରସାହିରେ ପ୍ରାୟ ୫ ହଜାର ଲୋକ ବାସ କରନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ୧ଲକ୍ଷ ୫୦ ହଜାର ଲିଟର କ୍ଷମତାବିଶିଷ୍ଟ ଏକ ପାଣି ଟାଙ୍କି ନିର୍ମାଣ କରାଯାଇଛି। ହେଲେ ବର୍ତ୍ତମାନ ସେହି ପ୍ରକଳ୍ପ ଗ୍ରାମବାସୀଙ୍କ କାମରେ ଆସୁନି। ସାହିରେ ଥିବା ନଳକୂଅଗୁଡିକରୁ ପାଣି ବାହାରୁନାହିଁ। ଗତବର୍ଷ ମଧ ପାଣି ସମସ୍ୟାକୁ ନେଇ ମହିଳାମାନେ ରାସ୍ତା




ଜିପିଇଓ ଦାବିପତ୍ର ଗ୍ରହଣ କରୁଛନ୍ତି।

### ଅଧିକାରୀଙ୍କୁ ଦାବିପତ୍ର ଦେଲେ ଦଶମନ୍ତପୁରବାସୀ

ଅବରୋଧ କରିଥିଲେ। ସପ୍ତାହ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି ଅଧିକାରୀମାନେ ସେତେବେଳ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ତାହାର ସମାଧାନ ହୋଇପାରିଲା ନାହିଁ। ୩/୪ ଦିନ ମଧ୍ୟରେ ପାଣି ଯୋଗାଣ ଠିକ୍‌ଭାବେ ନ ହେଲେ ସପ୍ତାହ ମଧ୍ୟରେ ଦୋକାନ ବଜାର ବନ୍ଦ କରି ରାସ୍ତାରୋକୋ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସଞ୍ଜିତ କୁମାର ଅଲିଙ୍କୁ ପଚାରିବାରୁ ଦୁଇଦିନ ମଧ୍ୟରେ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି। ଦାବିପତ୍ର ପ୍ରଦାନବେଳେ ଶୈଳେଶ ଏସ୍ ଖଡିଆର, ହାବିଲ ଡଙ୍ଗରି, ପଦ୍ମନ ସଗର, ପଙ୍କଜ ବାଘ, ଅଶୋକ ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା

ପାପଡାହାଣ୍ଡି,୨୪।୩(ଡି.ଏନ୍.ଏ.)

ପାପଡାହାଣ୍ଡି ବ୍ଲକ ଦଳେଇଗୁଡା ଲାଲ ବାହାଦୁର ହାଇସ୍କୁଲରେ ଚାଲିଥିବା ନବରଙ୍ଗପୁର ଜିଲାର ପ୍ରଥମ ଭାରତ ସ୍କାଉଟ ଓ ଗାଇଡ୍ସ କ୍ୟାମ୍ପୋରି କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଛି।



କୌତୁକ ପୋଷାକ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ ।

### ସ୍କାଉଟ, ଗାଇଡ୍ସ କ୍ୟାମ୍ପୋରିର ଦ୍ୱିତୀୟ ଦିନ

ସେମାନଙ୍କ ମଧ୍ୟରେ ଡିବେଟ, କୁଇଜ, ନ୍ୟୁଜ ରିପୋର୍ଟିଂ, ଫୁଡ ଭିଲା, ଗ୍ରାମ୍ୟ ହାଟ ଆଦି କାର୍ଯ୍ୟକ୍ରମ କରାଯାଇଛି। ହୋଇଯାଇଛି। ଅତିଥିଭାବେ ଡେପୁଟି କଲେକ୍ଟର ମୌସୁମୀ ନାୟକ, ଡିପିଓ ହିମାଂଶୁ ଶେଖର ପଟ୍ଟନାୟକ, ଡିଇଓ ପ୍ରଦୀପ ନାଗ, ରାଇଘର ବିଇଓ ଈଶ୍ୱର ମାଝି, ଉମରକୋଟ ବିଇଓ ବିକାଶ କୁମାର ସରକାର, ଚାନ୍ଦାହାଣ୍ଡି ବିଇଓ ଉଗ୍ରସେନ ନାୟକ, ଏଡିଇଓ ବିଶ୍ୱନାଥ ସାହୁ ଓ ରେଶମଲାଲ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରାତିରେ କ୍ୟାମ୍ପ ଫାୟାର କାର୍ଯ୍ୟକ୍ରମ ହୋଇଛି।

## ପକ୍ଷାଘାତଙ୍କୁ ହୁଇଲ୍ ଚେୟାର



ପାପଡ଼ାହାଣ୍ଡି,୨୪।୩(ଡି.ଏନ୍.ଏ.)

ପାପଡ଼ାହାଣ୍ଡିବ୍ଲକ କାର୍ଯ୍ୟାଳୟରେ ପକ୍ଷାଘାତରେ ଆକ୍ରାନ୍ତ ପାତ୍ରୀ ପଞ୍ଚାୟତ ଯାନୀଗୁଡା ଗ୍ରାମର ପବିତ୍ର ହରିଜନଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବିଏସ୍ଏସ୍ଓ ଶକୁନ୍ତଳା ଭତରା, ପ୍ରୋଗ୍ରାମ ଅଫିସର ଈଶ୍ୱର ଚନ୍ଦ୍ର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ପବିତ୍ର ଦୀର୍ଘ ଦିନ ଧରି ପକ୍ଷାଘାତ ରୋଗରେ ଶିକାର ହୋଇ ଚାଲିବାରେ କଷ୍ଟ ଅନୁଭବ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା।

# ୧୦୦ ଦିନର କାର୍ଯ୍ୟ ପୂରଣ କରିଛନ୍ତି ୧୯୦୭ ଶ୍ରମିକ

ଡାବୁଗାଁ, ୨୪।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ୨୦୨୦-୨୧ ଆର୍ଥିକ ବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ସମନ୍ୱିତ ଶିଶୁ ବିକାଶ ଓ ମମତା ଯୋଜନା ସମ୍ବନ୍ଧୀୟ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଗୁଡିକ ଉପରେ ବ୍ଲକସ୍ତରୀୟ ଜନଶୁଣାଣି କରାଯାଇଛି। ବିଡିଓ ଶରତ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏମ୍‌ଜିଏନଆର୍‌ଇଜିଏସ୍ ଯୋଜନା ସମ୍ପର୍କିତ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଛି। ଏହି ଯୋଜନାରେ ଜବକାର୍ଡଧାରି ଶ୍ରମିକମାନେ କେତେଦିନ କାର୍ଯ୍ୟ କରିଛନ୍ତି, ମଜୁରି ପାଇଛନ୍ତି କି ନାହିଁ ତାହାର ସମୀକ୍ଷା କରାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ଯୋଜନାରେ ଧାର୍ଯ୍ୟ ମୂଲ୍ୟ ୧୭ କୋଟି ୫୧ ଲକ୍ଷ ୮୯ ହଜାର ଟଙ୍କା ସମ୍ପୂର୍ଣ୍ଣ ଖର୍ଚ୍ଚ କରାଯାଇଛି। ୧ ଏପ୍ରିଲ ୨୦୨୦ ଠାରୁ ୩୧ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ମୋଟ ୧୯୦୭ ଶ୍ରମିକ ୧୦୦ ଦିନର କାର୍ଯ୍ୟ ପୂରଣ କରିଥିବା ଏହି ଜନଶୁଣାଣିରେ ଉପସ୍ଥାପିତ କରାଯାଇଛି।




ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଏଥିରେ ମମତା ଯୋଜନା ଉପରେ ମଧ ଆଲୋଚନା କରାଯାଇଛି। ଅଣ୍ଡା ଓ ଛତୁଆ ବଣ୍ଟନରେ ତ୍ରୁଟି ଥିବା ଯୋଗୁ ତାହାର ସମାଧାନ ପାଇଁ ଚେଷ୍ଟା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଜନଶୁଣାଣି କମିଟି ପାଖରେ ଜିଲା ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ସଠିକ ତଥ୍ୟ ଦେଇ ନଥିବାରୁ କମିଟିରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲା ଆଦିବାସୀ ଉନ୍ନୟନ ସଂସ୍ଥାର କୌଣସି ଅଧିକାରୀ ଆସି ନଥିଲେ | ସାମାଜିକ ସମୀକ୍ଷାରେ ଦେଖାଯାଇଥିବା ତ୍ରୁଟିଗୁଡିକର ଯେପର ପୁନରାବୃତ୍ତି ନ ହୁଏ ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ

### ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର

ପ୍ରସାଦ ଟାଲି ନିର୍ଦ୍ଦେଶ ଦେଇଥିଲେ। ମୃତ୍ତିକା ସଂରକ୍ଷଣ ଓ ଜିଲା ଆଦିବାସୀ ଉନ୍ନୟନ ସଂସ୍ଥାର କୌଣସି ଅଧିକାରୀ ନ ଆସିବା ଓ କମିଟି ପାଖରେ ସଠିକ ତଥ୍ୟ ଉପସ୍ଥାପନ କରି ନ ଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲପାଳଙ୍କୁ ଜଣାଇବା ପାଇଁ ବିଡିଓଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନ୍ୟାଚୁରାଲ ରିସୋର୍ସ ମ୍ୟାନେଜମେଣ୍ଟ ସଂଯୋଜକ ରାମ ଖିଲ, ଜିଲା ପରିଷଦ ସଭ୍ୟ ଜୋନ-୧ ଧନସିଂ ଭତ୍ରା ଓ ଜୋନ-୨ ଗୁପ୍ତ ବିଶୋୟୀ, ଜନ ଶୁଣାଣୀ କମିଟି ସଭ୍ୟ ପ୍ରଜ୍ଞାରଞ୍ଜନ ପରିଡା, ନଳିନୀ ପାଢୀ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ବିଜୟ କୁମାର ସିଂ, ଭାରପ୍ରାପ୍ତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ପୂର୍ଣ୍ଣବାସ ନାୟକ, ଯୋଗାଣ ନିରିକ୍ଷକ ପ୍ରିୟରଞ୍ଜନ ନାୟକ, ବନପାଳ ଲକ୍ଷ୍ମୀକାନ୍ତ ସାହୁ, ଅଙ୍ଗନୱାଡି ସୁପରଭାଇଜର ପ୍ରଣମିତା ପଟ୍ଟନାୟକ, ମିନତୀ ଦାସ, ସାମାଜିକ ସମୀକ୍ଷକ ଶାରଦା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହାୟକ ବିଦ୍ୟାଧର ବିଶୋଇ ଓ ତ୍ରିଲୋଚନ ପ୍ରଧାନ ପରିଚାଳନା କରିଥିଲେ।

# 'ଏକାଠି ହୋଇ ଗ୍ରାମାଞ୍ଚଳ ବିକାଶ ପାଇଁ କାମ କରିବୁ'

ଝରିଗାଁ, ୨୪।୩(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚଚା ପଞ୍ଚାୟତ ସମିତି ସଭ୍ୟ ଦୁର୍ଗାପ୍ରସାଦ ମାଝି ଝରିଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ଗୁରୁବାର ସେ ଦାୟିତ୍ୱଗ୍ରହଣ କରିଛନ୍ତି। ଏହି ଅବସରରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢୀ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବିଧାୟକଙ୍କ ବ୍ଲକ ପ୍ରତିନିଧି ରାମଧର ମାଝି, ୧ନଂ ଜୋନ୍ ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ୨ନଂ ଜୋନ୍ ଜିଲା ପରିଷଦ ସଭ୍ୟ ଶ୍ୟାମସୁନ୍ଦର ନାୟକ, ୩ନଂ ଜୋନ୍ ଜିଲା ପରିଷଦ ସଭ୍ୟା ତ୍ରମିଳା ପୂଜାରୀ, ବ୍ଲକ ଉପାଧ୍ୟକ୍ଷା ମନଦୀ ମାଝିଙ୍କ ସହ ବ୍ଲକର ନୂତନ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ। ଏବିଡିଓ ବିଶ୍ୱନାଥ ରାଉତ ବ୍ଲକ ଅଧ୍ୟକ୍ଷଙ୍କୁ ସ୍ୱାଗତ କରିଥିଲେ। ଝରିଗାଁ ବିଧାୟକ ଦୁର୍ଗାପ୍ରସାଦ ଶୁଭେଚ୍ଛା ଜଣାଇଥିଲେ। ଲୋକଙ୍କ ପାଖରେ କିପରି ସରକାରୀ ଯୋଜନା ଠିକ୍ ଭାବେ ପହଞ୍ଚିବ ସେ ଦିଗରେ କାର୍ଯ୍ୟ କରିବି।



ନୂତନ ଭାବେ ଦାୟିତ୍ୱ ନେଇଥିବା ଝରିଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ବିଧାୟକ ସ୍ୱାଗତ କରୁଛନ୍ତି ।

ଏଥିପାଇଁ ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟଙ୍କ ସହଯୋଗ ଜରୁରୀ ବୋଲି ନୂତନ ବ୍ଲକ ଅଧ୍ୟକ୍ଷ ପ୍ରକାଶ କରିଥିଲେ। ରାଜ୍ୟ ସରକାର ସବୁ ସମୟରେ ଗ୍ରାମାଞ୍ଚଳର ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ନବ ନିର୍ବାଚିତ ସରପଞ୍ଚମାନେ ନିଜ ପଞ୍ଚାୟତର ବିକାଶରେ ସହାୟକ ହୋଇ ପାରିବେ ବୋଲି ବିଧାୟକ କହିଥିଲେ। ବ୍ଲକର ସମସ୍ୟାକୁ ନିଜ ସମସ୍ୟା ଭାବି ତାହାର ସମାଧାନ ପାଇଁ ସର୍ବଦା ଚେଷ୍ଟା କରିବାକୁ ବିଧାୟକ ନବ ନିର୍ବାଚିତ ଲୋକପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ।

# ପଥପ୍ରାନ୍ତ ନାଟକ, ସଭାରେ ଯକ୍ଷ୍ମା ସଚେତନତା ବାର୍ତ୍ତା

ଦାମନଯୋଡି, ୨୪।୩(ଡି.ଏନ୍.ଏ.)

କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ଯକ୍ଷ୍ମା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥକେନ୍ଦ୍ରରେ ଆଶା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଯକ୍ଷ୍ମା ଲକ୍ଷଣ, ରୋଗ ଚିହ୍ନଟ ଓ ନିରାକରଣରେ ଆଶାକର୍ମୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ଅର୍ପିତା ଅପରାଜିତା ବେହେରା ଅଧ୍ୟକ୍ଷତା କରିଥିଲେ। କୋରାପୁଟ ଏଡିପିଏଚଇଓ ଶୁଭନାରାୟଣ ନାୟକ, ଡା. ତାପସ ରଞ୍ଜନ ବେହେରା, ବିପିଏମ୍ ନୂତନ ସିଂହ ଓ ପିଏଚ୍‌ଇଓ ମକର ଜାନି, ଏସ୍‌ଟିଏଲ୍‌ଏସ୍ ଅସିତ କୁମାର ନନ୍ଦ ଅତିଥିଭାବେ ଉପସ୍ଥିତ ଥିଲେ। ଏସ୍‌ଟିଏସ୍ ବିଭୁରଞ୍ଜନ ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିରାମଲର ଡିପିଏମ୍ ଦାମ ଖିଲ ସଙ୍ଗଠନ ପକ୍ଷରୁ ଚାଲିଥିବା ୧୦୦ଦିନିଆ ରୋଗୀ ଚିହ୍ନଟ ଓ ନମୁନା ସଂଗ୍ରହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପିରାମଲ ପକ୍ଷରୁ ସକାଳେ କଳାହାଣ୍ଡି କଲୋନୀରେ ଯକ୍ଷ୍ମା ସଚେତନତା ପାଇଁ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା। କୋରାପୁଟ ବ୍ଲକର ବିଭିନ୍ନ ସ୍ଥାନରୁ ଆଶାକର୍ମୀ ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୁପରଭାଇଜର ରାଧିକା ସୋରେନ, ସ୍ୱାସ୍ଥ୍ୟକର୍ମୀ କ୍ଷୀରପ୍ରଭା ସେଠୀ, କୁନ୍ତଳା କୁମାରୀ ସେଠୀ, ହୀରାମଣି ଦେଈ, ରାଜଲକ୍ଷ୍ମୀ ସାହୁ ଓ ବିନ୍ଦୁରାଣୀ କର୍ମକାର ପ୍ରମୁଖ ଉପସ୍ଥିତ ଥିଲେ।




ମାଥଲପୁଟ ଡାକ୍ତରଖାନାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ପୌର ନିର୍ବାଚନ**

## ନବରଙ୍ଗପୁର ୬୯.୪୫%, ଉମରକୋଟରେ ୭୦.୩୫% ମତଦାନ



ନବରଙ୍ଗପୁରର ଏକ ପିଙ୍କ୍ ବୁଥ୍‌ରେ ଭୋଟରମାନେ।

ନବରଙ୍ଗପୁର/ଉମରକୋଟ,୨୪।୩(ବି.ପ୍ର./ସ୍ୱ.ପ୍ର.)

ନବରଙ୍ଗପୁର ଜିଲାରେ ପୌର ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସରିଛି। ଜିଲାର ନବରଙ୍ଗପୁର ଓ ଉମରକୋଟ ପୌରାଞ୍ଚଳରେ ଭୋଟର ନିଜ ମତ ସାବ୍ୟସ୍ତ କରିଛନ୍ତି। ୨ ପୌରାଧ୍ୟକ୍ଷ ଆସନ ପାଇଁ ୮ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେହିଭଳି ଉଭୟ ପୌରାଞ୍ଚଳରୁ ୩୧ଟି କାଉନ୍‌ସିଲର ଆସନ ପାଇଁ ୯୫ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନବରଙ୍ଗପୁରରେ ୬୯.୪୫% ଓ ଉମରକୋଟରେ ୭୦.୩୫% ମତଦାନ ହୋଇଥିବା ସୂଚନା ମିଳିଛି। ନବରଙ୍ଗପୁର ପୌର ନିର୍ବାଚନ ପାଇଁ ୨୪୦ ଜଣ ପୋଲିଂ କର୍ମଚାରୀ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୭ ଜଣ ପୋଲିଂ ଅଫିସର ଏବଂ ୩୩ ଜଣ ପ୍ରିଜାଇଡିଂ ଅଫିସର ଅଛନ୍ତି। ଏଠାରେ ୩ଟି ପିଙ୍କ୍ ବୁଥ୍ ରହିଛି। ସେହିଭଳି ଉମରକୋଟ ମ୍ୟୁନିସିପାଲିଟି ନିର୍ବାଚନ ପାଇଁ ୧୮୬ଜଣ ପୋଲିଂ କର୍ମଚାରୀ ଥିଲେ। ଏଠାରେ ମଧ ୩ଟି ପିଙ୍କ୍ ବୁଥ୍ କରାଯାଇଥିଲା। ପୌର ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ଜିଲା ପୋଲିସ ତାରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଜିଲାରେ ସର୍ବମୋଟ ୫ ପ୍ଲାଟୁନ ପୋଲିସ ଫୋର୍ସ, ଜଣେ ଏଏସ୍‌ପି, ଦୁଇ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର ଓ ୬୦ଜଣ କନଷ୍ଟେବଲଙ୍କୁ ନିୟୋଜିତ କରାଯାଇଥିଲା।

## ଶାନ୍ତି ଶୃଙ୍ଖଳାରେ ସରିଲା ଭୋଟ

କୋଟପାଡ଼, ୨୪।୩(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ରେ ପୌର ନିର୍ବାଚନ ଶାନ୍ତି ଶୃଙ୍ଖଳାରେ ସରିଛି। ୧୩ ୱାର୍ଡରେ ୧୭ ବୁଥ୍‌ରେ ମତଦାନ ହୋଇଛି। କୋଟପାଡ଼ରେ ୭୫% ମତଦାନ ହୋଇଛି। ଏହି ପୌର ନିର୍ବାଚନରେ ୫ ଜଣ ଅଧ୍ୟକ୍ଷ, ୪୨ ଜଣ କାଉନ୍‌ସିଲର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

## ଇଭିଏମ୍ ତ୍ରୁଟି ଯୋଗୁ ମତଦାନରେ ବିଳମ୍ବ

ସୁନାବେଡ଼ା/ସେମିଳିଗୁଡ଼ା,୨୪।୩ (ସ୍ୱ.ପ୍ର.)

କୋରାପୁଟ ଜିଲା ସୁନାବେଡ଼ା ପୌର ପରିଷଦରେ ଗୁରୁବାର କାଉନ୍‌ସିଲର ଓ ଅଧ୍ୟକ୍ଷ ଆସନ ପାଇଁ ମତଦାନ ହୋଇଛି। ଏଠାରେ ୪୫ଟି ବୁଥ୍ କରାଯାଇଥିଲା, ଯେଉଁଥିରେ ୩ଟି ପିଙ୍କ୍ ଓ ୩ଟି ମଡେଲ ବୁଥ୍ ଥିଲା। ଉକ୍ତ ବୁଥ୍‌ଗୁଡିକରେ ପାନୀୟଜଳ ସହ ଅନ୍ୟ ବ୍ୟବସ୍ଥା ହୋଇ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ଘଣ୍ଟାଘଣ୍ଟା ଧାଡ଼ିରେ ଛିଡ଼ା ହୋଇଥିଲେ। ଇଭିଏମ୍ ତ୍ରୁଟି ଯୋଗୁ ୯, ୧୬, ୨୩ ଓ ୨୮ ନଂ. ବୁଥ୍‌ରେ ମତଦାନରେ ବିଳମ୍ବ ହୋଇଥିଲା। ୨୮ନଂ. ବୁଥ୍‌ରେ ଜଣେ ଭୋଟର ଅଧ୍ୟକ୍ଷ ପ୍ରାର୍ଥୀଙ୍କୁ ଭୋଟ ଦେଇ ପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ୨୨ ଓ ୨୩ ନଂ. ୱାର୍ଡର ୪ଟି ବୁଥ୍‌ରେ କେତେଜଣ ଭୋଟର ପହଞ୍ଚିବା ପୂର୍ବରୁ ତାଙ୍କ ନାମରେ ଅନ୍ୟ କେହି ଭୋଟ ଦେଇଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ୧୮ନଂ. ୱାର୍ଡର ଗୋଟିଏ ପରିବାରର ୫ ସଦସ୍ୟଙ୍କ ମଧ୍ୟରୁ ୩ଜଣଙ୍କ ନାମ ୨୫ ନଂ. ୱାର୍ଡରେ ରହିଛି। ହାଲ୍ ଟାଉନଶିପ୍ ଅଞ୍ଚଳରେ ୮ଟି ୱାର୍ଡ ରହିଥିବା ବେଳେ ଏଠାରେ ୧୨ଟି ବୁଥ୍ କରାଯାଇଥିଲା। କିନ୍ତୁ ଏଠାକାର ଭୋଟରମାନେ ମଧ ବହୁ ସମସ୍ୟା ଭୋଗ କରିଥିବା ଅଭିଯୋଗ ଆଣିଛନ୍ତି। କାରଣ ଏଠାକାର ୧୪ନଂ. ୱାର୍ଡରେ ଗୋଟିଏ ପରିବାରର ସଦସ୍ୟ ସଂଖ୍ୟା ୪ ଥିବାବେଳେ ଭୋଟର ତାଲିକାରେ କେବଳ ଜଣଙ୍କ ନାମ ରହିଛି। ଏହିଭଳି ଅନେକ ଭୋଟରଙ୍କ ନାମ ତାଲିକାରେ ନାହିଁ। ୬ବର୍ଷରୁ ଊର୍ଦ୍ଧ୍ୱ ଦିନ ହେବ ଘରଛାଡ଼ି ଅନ୍ୟତ୍ର ଚାଲିଯାଇଥିବା କିଛି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ଥିବା ଓ ଦୀର୍ଘ ଦିନ ଧରି ଏଠାରେ ରହି ଆସୁଥିବା କେତେଜଣଙ୍କ ନାମ ଭୋଟର ତାଲିକାରେ ନଥିବା ଦେଖାଦେଇଛି। ଏଠାରେ ୫୯.୯୪% ମତଦାନ ହୋଇଛି।

## ଇଭିଏମ୍‌ରେ ୪୧ ପୌରାଧ୍ୟକ୍ଷ, ୩୩୪ କାଉନ୍‌ସିଲର ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍

କୋରାପୁଟ,୨୪।୩(ସ୍ୱ.ପ୍ର.)

କୋରାପୁଟ ଜିଲାର ୪ ପୌରାଞ୍ଚଳରେ ନିର୍ବାଚନ ଶାନ୍ତି ଶୃଙ୍ଖଳାରେ ସରିଛି। ଜିଲାରେ ୬୭% ମତଦାନ ହୋଇଥିବା ଜିଲାପାଳ ଅବ୍‌ଦାଲ ଏମ୍ ଅକତର ସୂଚନା ଦେଇଛନ୍ତି। ଜିଲାର ୪୧ ପୌରାଧ୍ୟକ୍ଷ ଓ ୩୩୪ କାଉନସିଲର ପାର୍ଥୀଙ୍କ ଭାଗ୍ୟ ଇଭିଏମ୍ ମେଶିନ୍‌ରେ। ଗୁରବାର ସକାଳ ୮ରୁ ମତଦାନ ଆରମ୍ଭ ହୋଇଥିଲା। କେତେକ ବୁଥ୍‌ରେ ଇଭିଏମରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ସେଗୁଡିକର ତୁରନ୍ତ ମରାମତି କରାଯାଇ ପୁନଃ ମତଦାନ ହୋଇଥିଲା। କୋରାପୁଟ ମୁନିସିପାଲଟି କୁମ୍ଭା ଗ୍ରାମରେ ହୋଇଥିବା ବୁଥ୍‌ରେ ମତାଦାତାଙ୍କ ସଂଖ୍ୟା ଅଧିକ। ଅଧିକାଂଶ ଭୋଟର ଅପରାହ୍ନ ୪ଟା ପରେ ଆସିବାରୁ ଏଠାରେ ଭୋଟଦେବାକୁ ଲମ୍ବା ଲାଇନ ଥିଲା। ଏଠାରେ ପ୍ରାୟ ୬ଟା ଯାଏ ମତଦାନ ଚାଲିଥିଲା।



କୋରାପୁଟ ପୌରାଞ୍ଚଳର କୁମ୍ଭ ସ୍କୁଲ ବୁଥ୍‌ରେ ଭୋଟରଙ୍କ ଲମ୍ବାଧାଡି ।

## ତାଲିକାରେ ନାଁ ନ ଥିବାରୁ ଦେଇ ପାରିଲେନି ଭୋଟ

ଜୟପୁର, ୨୪।୩ (ନି.ପ୍ର.)

ଜୟପୁର ପୌର ନିବାଚନ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହୋଇଛି। ତଥାପି ଜାଲ ଭୋଟରଙ୍କୁ ନେଇ ସହରର ସମ୍ଭାର ତୋଟା, ସୁନାରୀ ସାହି, ଜୟନଗର, ମୁଖ୍ୟାର୍ସାତର ବୁଥ୍‌ରେ ହୋହାଲ୍ଲା ହୋଇଥିଲା। ତାଲିକାରେ ନାମ ନ ଥିବାରୁ ଅନେକ ଭୋଟର ମତଦାନ କେନ୍ଦ୍ରରୁ ଭୋଯ ନ ଦେଇ ନିରାଶ ହୋଇ ଫେରିଥିଲେ। ଜୟପୁର ପୌରାଞ୍ଚଳର ୨୮ଟି ଓ୍ୱାର୍ଡ ପାଇଁ ୬୬ଟି ଭୋଟଦାନ କେନ୍ଦ୍ର କରାଯାଇଥିଲା। ସେଠାରେ ୩ଟି ପିଙ୍କ୍ ବୁଥ, ୪ଟି ଆଦର୍ଶ ବୁଥ କରାଯାଇଥିଲା। ୪୬ଟି କେନ୍ଦ୍ର ସମ୍ବେଦିନଶୀଳ ଓ ଅତିସମ୍ବେଦନଶୀଳ ବୁଥ୍ ରହିଥିଲା। ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଜଗଦୀଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟରେ ଭୋଟଦାନ କରିଥିଲେ। ଏସ୍‌ପି ବରୁଣ ଗୁଣ୍ଟୁପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ଆଦର୍ଶ ବୁଥ୍ ଓ ଜେଇଏଲସିରେ ଥିବା ପିଙ୍କ୍ ବୁଥ ପରିଦର୍ଶନ କରିଥିଲେ। ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ପ୍ରଧାନ ଟୁଲି ଆମ୍ମା, ଅତିରିକ୍ତ ତହସିଲଦାର ଅଶ୍ୱୀନ ମହାପାତ୍ର ବିଭିନ୍ନ ବୁଥ୍ ବୁଲିଥିଲେ। ଜୟପୁରରେ ୬୨% ମତଦାନ ହୋଇଛି। ଶନିବାର ଜୟପୁର ବିକ୍ରମ ଦେବ କଲେଜରେ ଭୋଟ ଗଣତି ହେବ। ଏନେଇ କୋରାପୁଟ ଜିଲାପାଳ ମହମ୍ମଦ ଅବଦଲ୍ ଅକ୍ତର ସେଠାକୁ ଆସି ସମୀକ୍ଷା କରିଛନ୍ତି।

### ଭୋଟ ଦେଲେ ଜୟପୁର ବିଧାୟକ




ବିଧାୟକ ତାରାପ୍ରସାଦ ବାହିନୀପତି।

